
# ମରୁ ଉଦ୍ୟାନ



**ସେ**ଦିନ ନିଶୁନ୍ ସଂଧ୍ୟାରେ କୌଣସି ଏକ ସୌଗନ୍ଧ୍ୟ ମୁହୂର୍ତ୍ତରେ ମୁଁ, ବିପ୍ଳବ ଅନ୍ୟମନସ୍କ ଭାବରେ ଟପ୍ ଟପ୍ ପଡୁଥିବା ବର୍ଷାର ପ୍ରଶାନ୍ତ ପରିବେଶକୁ ନିଃସଙ୍ଗ ଭାବରେ ଉପଲବ୍ଧି କରିବାର ପ୍ରୟାସ କରୁଥାଏ । ଆଜି ଏ ସଂଧ୍ୟାଟା ଯେ କାହିଁକି ଭାରି ରୋମାଞ୍ଚିତ ଓ ଅଜଣା ପୁଲକରେ ପୁଲକିତ । ମୋ' ପରି ଜଣେ ପ୍ରୌଢ଼ ତଥା ଅବିବାହିତ ପୁରୁଷର ଏକାନ୍ତ ଜୀବନ ଯାତ୍ରାର ଆଉ ଏକ ଅଧ୍ୟାୟର ସୃଜନ ବ୍ୟତୀତ ତାହା ଆଉ କ'ଣ ହୋଇପାରେ ? ଚା' କପ୍‌ରେ ଓଠ ଦେଉ ଦେଉ, କୌଣସି ଏକ ଉଷ୍ମ ହାତର ସ୍ପର୍ଶ ମୋର ଗତ ତାରୁଣ୍ୟକୁ ଉଦ୍‌ଜୀବିତ କରେ, ହଠାତ୍ ସ୍ମିତାଙ୍କର କରକମଳର କୋମଳ ପରଶରେ । ସ୍ମିତାଙ୍କର ମୁଖମଣ୍ଡଳ ଉପରେ ଆସି ପଡ଼ିଥିବା ଅସଜଡା ଚୂର୍ଣ୍ଣ କୁନ୍ତଳକୁ ହାତରେ ସଜାଡୁ ସଜାଡୁ କହି ଉଠିଲି, ସ୍ମିତା ! ତୁମର ଛୋଟ ଛୋଟ ରକ୍ତାଭ ଅଙ୍ଗୁଳିଗୁଡ଼ିକ ଦେଖିଲେ ମୋର ଇର୍ଷା ଜାଗରିତ ହୁଏ ସେଗୁଡ଼ିକର କୋମଳ ସ୍ପର୍ଶ ପାଇବା ପାଇଁ । ତୁମର ଗୋଲାପୀ ଅଧର ତଥା ତ୍ୱଚାର ନରମ ପରଶ ପାଇବାକୁ ହୁଏତ ମୁଁ ବେଳେ ବେଳେ ତୁମ ପାଖରେ ପହଞ୍ଚିଯାଏ ମୋର ଅଲକ୍ଷ୍ୟରେ ।

ତୁମ କବରୀ ଚ୍ୟୁତ ରଜନୀଗନ୍ଧାର ସ୍ତବକ ତୁମର ସାନ୍ନିଧ୍ୟ ଆଣିଦିଏ । ମୋର ପ୍ରତ୍ୟେକ ବ୍ୟଥିତ ମୁହୂର୍ତ୍ତରେ ତୁମ ସାନ୍ନିଧ୍ୟ ପାଇବାର ମାନସିକ ପରିତୃପ୍ତି ହିଁ ମୋତେ ପ୍ରୌଢ଼ତ୍ୱରୁ ତାରୁଣ୍ୟ ଆଡ଼କୁ ଭିଡ଼ି ନେଇଆସେ । ତୁମେ ଯେ ମୋର ଭାବନାର ଉତ୍ସ । ତୁମ ବିନା ମୋର କବିତାର ସୃଷ୍ଟି ଅସମ୍ଭବ .... । ତୁମ ବିନା ଯେ ମୋର ଜୀବନ ବୀଣା ବେସୁରା ରାଗିଣୀ ତୋଳିବ ଏବଂ ଏ ଜୀବନ ଏକ କୀଟଦ୍ରଷ୍ଟ ପୁସ୍ତକ ହୋଇ ରହିଯିବ, ସେଥିରେ ସାମାନ୍ୟ ଅବାସ୍ତବିକତା ନାହିଁ ।

ମୋ' ପାଖରେ ଥିବା ମୁହୂର୍ତ୍ତମାନଙ୍କ ଭିତରେ ତୁମେ ତୁମ କଲେଜ୍ ଜୀବନର ଅନେକ ଅଧ୍ୟାୟ ଗପିଯାଅ । ଅନ୍ୟ କାହାର ତୁମ ସହିତ ସାମାନ୍ୟତମ ସଂପର୍କ ମୋତେ ବ୍ୟଥିତ କରାଏ, ଏଟା ଯେ ତୁମକୁ ମୋର ଏକ ତରଫା ଭଲ ପାଇବାର ଅନୁଭୂତିର କିୟଦଂଶ, ତାହା ମୁଁ ଅନୁଭବ କରେ । ସେଦିନ ଯେତେବେଳେ ତୁମ ଭାଉଜ ତୁମର ବିବାହ ବିଷୟରେ ବରପାତ୍ର ପାଇଁ ପ୍ରସ୍ତାବ ଉପସ୍ଥାପନ କରିବସନ୍ତି ମୋର ସମ୍ମୁଖରେ, ତୁମେ ହଠାତ୍ ପ୍ରଗଲ୍‌ଭ ହୋଇ କହି ଉଠ ଯେ ବିପ୍ଳବ, ମାନେ ମୁଁ, କାଲେ ତୁମର ସେହି ଭବିଷ୍ୟତ ପୁରୁଷ, ଯାହା ସହିତ ତୁମେ ବିବାହ ବନ୍ଧନରେ ଆବଦ୍ଧ ହୋଇ ସୁଖୀ ହୋଇ ପାରିବ । ତୁମେ ଭାଉଜଙ୍କୁ ବୁଝାଇଥିଲ - ଭାଉଜ ! ପୁରୁଷକୁ ବୟସର ପ୍ରଶ୍ନ କରାଯାଏନା, ଯେତେଦିନ ପର୍ଯ୍ୟନ୍ତ ସେ ସୁସୌଷ୍ଠବ, ସୁନ୍ଦର ଓ କର୍ମଶୀଳ । ତୁମର ଜୀବନ ଦର୍ଶନ ଯେ ଅନ୍ୟମାନଙ୍କଠାରୁ ଭିନ୍ନ ସେ ବିଷୟରେ ତୁମେ ଯୁକ୍ତି କରିଥିଲ । ସେ ଦିନ ମୁଁ ଘରେ ମୋର ଏକାନ୍ତ ବେଡ୍‌ରେ ପଡ଼ି ଅନେକ ରାତିଯାଏ, ତୁମ କଥାର ପ୍ରତ୍ୟେକ ପରିଚ୍ଛେଦର ଅନୁଶୀଳନ କରି, ଅନେକ ସମୟ ଯାଏ ହସି ହସି ବେଦମ୍ ହୋଇ ଯାଉଥିଲି ଏବଂ ତୁମେ ସେ ସମସ୍ତ ହସର ଫୁଆରାରେ ଆନନ୍ଦ ଉପାଦାନର ଉତ୍ସ ଭାବେ ମୋ' ମନ ଗହନର ନିବିଡ଼ ଆକାଶରେ ଉଦ୍‌ଭାସିତ ହୋଇ ଉଠୁଥିଲ ।

ସ୍ମିତା ! ମୁଁ ଆଜି ତୁମ ପରି ଏକ ସ୍ୱପ୍ନିଳ ନଦୀକୁ ମୋର ମନ ସାଗରରେ ଅବଗାହିବାର କଳ୍ପନା କରି ରହିଯାଇଛି । ତୁମର ଦେହରେ ଜଡ଼ି ଯାଇଥିବା କୌଣସି ସ୍ତବକ ମୋର ମନରେ ଅଜଣା ଶିହରଣର ସୂତ୍ରପାତ କରେ । ସମୟର ସ୍ମାରକ କାନ୍ଥ ଘଣ୍ଟାଟାକୁ ଚାହିଁ ଚାହିଁ ତୁମର ଆସିବା ପଥକୁ ଅନିସା କରି କରି ମୋର ସୁନିଦ୍ରା କେତେବେଳେ ଆସିଥିଲା, ସେହି ଭାବନା ପ୍ରତିଦିନ ପ୍ରଭାତରେ ମୋତେ ଆବିଷ୍ଟ କରେ ।

ମୁଁ, ବିପ୍ଳବ ସମାଜର ଏକ ମାନସିକ ରୋଗୀ ନୁହେଁ ଯେ, ସମାଜର ଅଵବ ନଜିର ମୋ ନିକଟରେ ଗଣ୍ୟ ହେବ । ତୁମେ ତ ଏକ ରକ୍ଷଣଶୀଳ ପରିବାରରେ ସୃଷ୍ଟ ଏବଂ ପାଳିତ । ହେଲେ ତମେ କୁହ ! ଜଣେ ଜଣକୁ ଭଲ ପାଇବାର ମାର୍ମିକ ବିବେଚନା ଜାତିଗତ, ଧର୍ମଗତ, ମାନଗତ ବ୍ୟବଧାନ ଠାରୁ କଣ ଅତି ଉଚ୍ଚରେ ଥାଏ, ନୁହେଁ ? ତୁମର ବୋଧହୁଏ ଜନ୍ମଦିନ ଥାଏ ସେଦିନ । ନବ ବସ୍ତ୍ରାନ୍ୱିତା ସ୍ମିତାଙ୍କୁ ସେଦିନ ଆବିଷ୍କାର କଲି ମୋର ଘରେ ଖୁବ୍ କମ୍ ସମୟ ପାଇଁ । ଏକ ବର୍ଣ୍ଣାଢ୍ୟ ପରିବେଶରେ ଅଳ୍ପ ସଂଖ୍ୟକ ସାଥୀ ସହେଲୀମାନଙ୍କ ଗହଣରେ ଗୋଟାଏ ମିନି ପାର୍ଟି ପାଇଁ ପ୍ରସ୍ତାବ ଦେଇଥିଲି । ମାତ୍ର ତୁମର କୌଣସି ପ୍ରତିକ୍ରିୟା ବିନା ତୁମେ ଘରର ଦ୍ୱାହିଦେଇ ଖୁବ୍ ଶୀଘ୍ର ଅତିକ୍ରାନ୍ତ ହୋଇ ଯାଇଥିଲ । ତା'ପରେ ମୋର ମାନସିକ ସ୍ଥିରତା ହରାଇ ଅନେକ ରାତ୍ରିଯାଏ ବିନିଦ୍ର ରହି ଔପଚାରିକତା ଓ ଅନୌପଚାରିକତା ମଧ୍ୟରେ ମୁଁ ଝୁଲି ରହି ଯାଇଥିଲି ।

ସ୍ମିତା ! ଦୂର ପାହାଡ଼ ଅନେକ ସୁନ୍ଦର । ଦୂରରୁ ପ୍ରତ୍ୟେକ ବସ୍ତୁ ସୁନ୍ଦର ଦେଖାଯା'ନ୍ତି । ମାତ୍ର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ । ଦୂରର ମରୁଜ୍ୟୋତ୍ସ୍ନା ଜଳ ବ୍ୟାପ୍ତିର ଉପଚାୟକ ମାତ୍ର; ନିକଟରେ ତା'ର ସ୍ୱଷ୍ଟତା ନଥାଏ । ଦୂରର ଚିର ଶ୍ୟାମଳିମା ପୂର୍ଣ୍ଣ ପର୍ବତଶ୍ରେଣୀ ବା ବରଫାବୃତ ଶୃଙ୍ଗ ହୁଏତ ବହୁ ସମୟରେ ଅଗମ୍ୟ ବା ଅନଧ୍ୟୁଷିତ । ତୁମକୁ ହୁଏତ କେବଳ ଦୂରର ସେଇ ଏକ ଅସାଧାରଣ ଦୃଶ୍ୟ ଭାବରେ ମୁଁ, ବିପ୍ଳବ ଗ୍ରହଣ କରିପାରେ । କାରଣ ନାରୀକୁ ଅତିମାନବୀୟ ବିଶ୍ଳେଷଣ ବ୍ୟତୀତ ସଠିକ୍ ଭାବରେ ହୃଦୟଙ୍ଗମ କରିବା ସାଧାରଣ ମନୁଷ୍ୟର ଭାବନାତୀତ ।

ସେଦିନ ଶାନ୍ତ ଅପରାହ୍ଣରେ ମୋର ଆର୍ମ ଚେଆର୍‌ରେ ବସି ବିଗତ ଦିନର ସ୍ମୃତି ମନ୍ଥନ କରୁ କରୁ ତୁମେ ଯେ ଏକକ ଭାବରେ ଆସି ପହଞ୍ଚିଯାଅ ମୋ' ମନର କୌଣସି ନିଭୃତ ଭାବନାରେ, ଯହିଁରୁ ମୋର ନିଷ୍କୃତି ନଥାଏ । ବାହାରେ ବର୍ଷାର ପ୍ରାଦୁର୍ଭାବ ଗତ ସଂଧ୍ୟାରେ ଅନେକ ଡେରିଯାଏ ଘରେ ବଂଦୀ କରି ରଖିଥିଲା । ମୋର ପ୍ରତ୍ୟେକ ସଂଧ୍ୟାରେ ତୁମର ଆସିବାର ମାନସିକତାର ଉପାଦାନ ପ୍ରାୟ ବାହାରକୁ ଯିବାକୁ ଦିଏ ନାହିଁ । ତୁମେ ଯେ କେଉଁ ଅପହଞ୍ଚ ଇଲାକାରେ ଥାଅ ଏବଂ ତୁମର ନ ଆସିବାଦ୍ୱାରା ମୋର ପ୍ରତୀକ୍ଷିତ ମୁହୂର୍ତ୍ତମାନେ ପ୍ରତ୍ୟେକବେଳେ ଆତ୍ମହତ୍ୟା କରିବସନ୍ତି, ତାହା ତୁମର ଛଳନାମୟୀ ମନ ବୋଧେ ବୁଝି ପାରେନା ।

ଶୁଣିଲି ଆଜି ତୁମକୁ କନ୍ୟା ଚୁନିବା ପାଇଁ କୌଣସି ସହୃଦୟ ବ୍ୟକ୍ତିମାନେ ଆସିବେ । ତୁମେ·ଯେ ସେଠାରେ କେଉଁ ମାନସିକତା ନେଇ ରହିବ, ମୁଁ ଜାଣେନା । ତୁମର ପରିପାଟୀ ଯେ ଅନ୍ୟକୁ ଅନାକର୍ଷଣୀୟ ହେବ ତାହା ମୋର ପରିକଳ୍ପନାର ବାହାରେ । ତୁମର ଭାଉଜ ଅନେକ ସମୟ ଧରି ତୁମକୁ ବେଶଭୂଷାର ପରିପାଟୀରେ ଅବଗାହି ଥିବେ । ତୁମର କବରୀରେ ରଜନୀଗନ୍ଧାର ସ୍ତବକ ଦେଇ ପ୍ରିୟତୁମକୁ ସମ୍ମୋହିତ କରିବାର କିମିଆ ସୃଷ୍ଟି କରାଇଥିବେ । ସେପରି ଏକ ମାନସିକ ପ୍ରସ୍ତୁତି ହୁଏତ ମୋର ଅନେକ ଦିନର ପ୍ରତୀକ୍ଷା । ମାତ୍ର ଯାହା ନିବାରଣୀୟ ନୁହେଁ ତାହା ସହନୀୟ ହେବା ବିଧେୟ ।

ଉପମାନ ଓ ଉପମେୟ ଦୁହେଁ ସୁନ୍ଦରତାର ମୂର୍ତ୍ତିମନ୍ତ ପ୍ରତୀକ । ମାତ୍ର ଉପମାନର ସୁନ୍ଦରତାର ନିଦର୍ଶନ ଉପରେ ଉପମେୟ ସ୍ଥାନିତ । ତୁମକୁ ଉପମାନର ସ୍ଥାନଦେଇ ଅନେକ ବିନିଦ୍ର ରଜନୀ ମୁଁ ଅତିକ୍ରାନ୍ତ କରିଛି । ତୁମେ ଯେ ଅୟସ୍କାନ୍ତ ମଣି, ଅମଳିନ ଜ୍ୟୋତି, ତୁମେ ଯେ ମୋର ମନ ବାଟିକାର ଏକମାତ୍ର ଗୋଲାପ ଯାହା ଅସୂର୍ଯ୍ୟଂପଶ୍ୟା ଓ ଅସୂର୍ଯ୍ୟଂସ୍ପୃଶ୍ୟା ମଧ୍ୟ । ତୁମ ଜୀବନର ରାଗ ନିଶ୍ଚୟ ମଧୁମୟ ହେବ, ପଥ ପୁଷ୍ପିତ ହେବ, ମନ ମୋହିତ ହେବ । ମାତ୍ର ମୋ'ପରି ଜଣେ ଭଗ୍ନ ମନୋରଥ ପ୍ରେମିକର ଏ ସ୍ୱପ୍ନ ଏକ ନିଘଞ୍ଚ ଭଲ ପାଇବାର ପ୍ରତିଶୃତି ବ୍ୟତୀତ ଆଉ କି ପାଥେୟ ସାଜିପାରେ ? ତଥାପି ମୋର ପ୍ରତୀକ୍ଷା ତୁମ ପାଇଁ ସଦୈବ । ମୋର ମନ ଆକାଶରେ ଏକମାତ୍ର ଶ୍ରଦ୍ଧା ସୁମନ ପ୍ରସ୍ଫୁଟିତ, ତାହା ତୁମ ବ୍ୟତୀତ ଅନ୍ୟ କେହି ହୋଇ ନ ପାରନ୍ତି । ହଁ ''ତୁମେ, କେବଳ ତୁମେ !!!

